TRUTH CENTERED TRANSFORMATION

MODULE 1



# ସଂପୂର୍ଣ ସେବାକାର୍ଯର ପରିଚୟ

# ଦୃଶ୍ୟଚିତ୍ର ଉପକରଣ

Reconciled World

# ବିଷୟ ବସ୍ତୁ

**ପାଠ୍ୟକ୍ରମ 1: ସଂପୂର୍ଣ କାହାଣୀ**

- ତିନୋଟି ସମ୍ପର୍କ (ଚାରୋଟି ଚିତ୍ର: ସୃଷ୍ଟି, ପତନ, କୃଶ, ପ୍ରତ୍ୟାବର୍ତନ) – 1 ପ୍ରତିକପି ତିଆରି କରି ରଖନ୍ତୁ
- ଆଦମ ଓ ହବା ନାଟକ (2 ପ୍ରତିକପି)– 2 ପ୍ରତିକପି ତିଆରି କରି ସ୍ୱେଚ୍ଛାସେବୀମାନଙ୍କୁ ଦେବା ପାଇଁ ରଖନ୍ତୁ

**ପାଠ୍ୟକ୍ରମ 3: ପରମେଶ୍ୱରଙ୍କୁ ପ୍ରମ କର ଏବଂ ଆପଣା ପ୍ରତିବାସୀଙ୍କୁ ପ୍ରେମ କର**

- ପ୍ରଚାରକ ସମ୍ବନ୍ଧିୟ ଲଘୁ ନାଟକ – 3 ପ୍ରତିକପି ତିଆରି କରି ସ୍ୱେଚ୍ଛାସେବୀମାନଙ୍କୁ ଦେବା ପାଇଁ ରଖନ୍ତୁ

**ପାଠ୍ୟକ୍ରମ 4: ସମସ୍ତ କ୍ଷେତ୍ରରେ ବୃଦ୍ଧି ପାଇବା**

- 'ଯୀଶୁଙ୍କ କ୍ଷେତ୍ର' ଅଭିବୃଦ୍ଧି 'ଚାର୍ଟ (ଜଣେ ଛାତ୍ର ପ୍ରତି)

**ପାଠ୍ୟକ୍ରମ 5: ପରମେଶ୍ୱର ଚାହାଁନ୍ତି ମଣ୍ଡଳୀ ସାହାଯ୍ୟ କରୁ**

- ଚାର୍ଟକୁ ସାହାଯ୍ୟ କରିବାର ଉପାୟ – ପ୍ରତି ଦଳ ପାଇଁ ଗୋଟିଏ କପି

ପାଠ୍ୟକ୍ରମ 7: ରାଜ୍ୟ ଗଣିତ

- ସେଟ୍ 1: ଯିଶାଇୟ 40:29 ଚିହ୍ନଗୁଡିକ (5 ପୃଷ୍ଠା/ କେବଳ 1 ସେଟ୍)
- ସେଟ୍ 2: ପାଞ୍ଚଟି ରୁଟି, ଦୁଇଟି ମାଛର ଲିଭୋପା (ଗୋଟାଏ ଲିଭୋପା ପ୍ରତି ଦଳ ପାଇଁ)
- ସେଟ୍ 3: ଏଲିୟ ଏବଂ ବିଧବା ଲିଭୋପା (ଗୋଟାଏ ଲିଭୋପା ପ୍ରତି ଦଳ ପାଇଁ)
- ସେଟ୍ 4: ଜଣେ ବିଧବା ଏବଂ ତା'ର ଦୁଇଟି ମୁଦ୍ରା ଲିଭୋପା (ଗୋଟାଏ ଲିଭୋପା ପ୍ରତି ଦଳ ପାଇଁ)
- ସେଟ୍ 5: ତୋଡ଼ାର ଦୃଷ୍ଟାନ୍ତ ଲିଭୋପା (ଗୋଟାଏ ଲିଭୋପା ପ୍ରତି ଦଳ ପାଇଁ)

*****ଏହି ଉପକରଣଗୁଡ଼ିକ ଛାତ୍ର ସହାୟକ ପୁସ୍ତକର ବୈକଳ୍ପରେ ମଧ ରହିଅଛି । ଆପଣ ଯଦି ଛାତ୍ର ସହାୟକ ପୁସ୍ତକ ବ୍ୟବହାର କରୁଛନ୍ତି (*) ଚିହ୍ନଟ ହୋଇଥିବା ଦୃଶ୍ୟଚିତ୍ର ଉପକରଣ ପ୍ରିଣ୍ଟ୍ କରନ୍ତୁ ନାହିଁ

# ଚିତ୍ର 1: ସୃଷ୍ଟି



# ଚିତ୍ର 2: ପତନ



# ଚିତ୍ର 3: କ୍ରୁଶ



# ଚିତ୍ର 4: ପ୍ରତ୍ୟାବର୍ତ୍ତନ



# ପାଠ୍ୟକ୍ରମ 1: ଆଦମ ଓ ହବା ଲଘୁନାଟକ

"ଆଦମ ଏବଂ ହବା ମଧ୍ୟରେ ଏକ କଥାବାର୍ତ୍ତା"

ଆଦମ: (ବଗିଚା କାମ କରୁ କରୁ) ହବା, ବଗିଚାରେ କାମ କରିବା ନିଶ୍ଚିତରୂପେ କଠିଣ, ଏହା ଆମେ ସେହି ଫଳ ଖାଇ ପରମେଶ୍ୱରଙ୍କୁ ଦୁଃଖ ଦେଇ ପାଇଛୁ!

ହବା: ହଁ, ଆଉ ଆମର ପୁଅମାନେ ବି ପରସ୍ପର ସହିତ ଭଲରେ ମିଳାମିଶା କରୁ ନାହାନ୍ତି । ସେମାନେ ସବୁବେଳେ ଝଗଡା କରୁଛନ୍ତି ଏବଂ ବାଡିଆ ପିଟା ମଧ୍ୟ ହେଉଛନ୍ତି । ମୁଁ ଆଶା କରୁଛି ପରିସ୍ଥିତି ଅଧିକ ଖରାପ ହେଇ ନ ଯାଉ! ଆଉ ଏଇ ଗନ୍ଧିଆ ଡିମ୍ବିରି ପତ୍ର ମୋତେ ପିନ୍ଧିବାକୁ ପଡୁଛି । ଏଗୁଡାକ ବେଶି ଅସୁନ୍ଦରିଆ !

ଆଦମ: (ଯୁକ୍ତି କରି) ଠିକ୍, ଆମେ ନୂଆ ଲୁଗା କିଣିବାକୁ ସକ୍ଷମ ନୋହୁଁ । ସେଇଥିପାଇଁ ଅଭିଯୋଗ କର ନାହିଁ ! (କିଛି ସମୟ ସାନ୍ତ ରହି) । ମୋତେ ପୁରୁଣା ଦିନଗୁଡିକୁ ମନେ ପଡେ, ଯେତେବେଳେ ପରମେଶ୍ୱର ଆମ ସହିତ ବୁଲୁଥିଲେ ଆଉ ଆମ ସହିତ କଥାବାର୍ତ୍ତା କରୁଥିଲେ । ଆଉ ଏବେ ଆମେ ତାଙ୍କ ପାଖାପାଖି ହେଲେ ବି ଦୁଃଖ ଲାଗୁଛି. ଆଉ ମନେପଡୁଛି କେମିତି ପଶୁମାନେ ଆମ କଥା ମାନୁଥିଲେ ? ଏବେ ସେମାନେ ଆମକୁ ଡରି ଦୂରେ ପଳାଉଛନ୍ତି!

ହବା: ହଁ, ନହେଲେ ସେମାନେ ଆମକୁ କାମୁଡ଼ି ଗୋଡାଉଛନ୍ତି ! ଉଫ୍... ମୁଁ ସାପମାନଙ୍କୁ ଘୃଣା କରେ ! ମୁଁ ବିଶ୍ୱାସ କରିପାରୁନି ଯେ ମୁଁ ଗୋଟେ ସାପ କଥା ମାନିଲି ! ଏ ପୁରା ଓଲଟପାଲଟ ସାପ ଲାଗି ହେଉଛି !

ଆଦମ: ନା, ଏସବୁ ତୋର ଦୋଷ ! ତୁ କେବେ ବି କିଛି ସଠିକ୍ କାମ କରିବୁ ନାହିଁ ! ମୁଁ କାହିଁକି ଜଣେ ସାପର କଥା ମାନିବା ଲୋକର କଥା ଶୁଣିଲି ଯେ ?

ହବା: ହଁ ହଁ, ମୋତେ ଆଉ ଦୋଷ ଦିଅ ନାହିଁ । ତାହା ତୁମର ଦୋଷ ! (କିଛି ସମୟ ଚୁପ୍ ରହି, ଦୁଃଖରେ) ମୁଁ ଭୁଲ କଲି । ଏବେ ପାଟି କଲେ କିଛି ମିଳିବ ନାହିଁ । ଆଦମ, ତୁମେ କଅଣ ଭାବୁଛ ସବୁ କିଛି କେବେ ପୂର୍ବପରି ହେଇଯିବ?

ଆଦମ: ମୁଁ ଜାଣନି । କେବଳ ପରମେଶ୍ୱର ହିଁ ଏ ଅବ୍ୟବସ୍ଥାକୁ ସଜାଡି ପାରିବେ!

ହବା: ଓଃ, ନା — ଏବେ କଅଣ ହେଲା? (ଚିତ୍କାର କରି ବାହାରକୁ ଦୌଡି ଦୌଡି) ତମେ ଦୁଇଜଣ ବାଡିଆ ପିଟା ହେବା ବନ୍ଦ କର! ଏଇ, ସାଙ୍ଗେ ସାଙ୍ଗ ବନ୍ଦ କର । ତମେ ଦୁଇଜଣ ମୋ କଥା ଶୁଣୁଛ? ମୁଁ ଏବେ ତମ ବାପାଙ୍କୁ କହୁଛି, ଆଉ ସେ କେବେ ବି ଖୁସି ହେବେନି !

ଆଦମ: (ବଗିଚାକୁ ଫେରି, ଦୀର୍ଘ ନିଶ୍ୱାସ ଛାଡି) କାମ, କାମ, କାମ, କାମ, କାମ, କାମ, ...

# ପାଠ୍ୟକ୍ରମ 3: ପ୍ରଚାରକ ସମ୍ବନ୍ଧିୟ ଲଘୁ ନାଟକ

**ବର୍ଣ୍ଣନାକାରୀଙ୍କ ପରିଚୟ:** ବେଳେବେଳେ ଖ୍ରୀଷ୍ଟ ବିଶ୍ୱାସୀମାନେ "ସୁସମାଚାରକୁ ସଂକୀର୍ଣ୍ଣ ଦୃଷ୍ଟିକୋଣ" ବିବେଚନା କରିଥାନ୍ତି । ସେମାନଙ୍କ ବୁଝିବା ଅନୁସାରେ ଯୀଶୁଙ୍କୁ ଗ୍ରହଣ କରିବାର ଅର୍ଥ ଜୀବନ-ମୃତ୍ୟୁର ନିଷ୍ପତ୍ତି ନେବା, କିନ୍ତୁ ସେମାନେ ଅନ୍ୟ କିଛି ବୁଝିପାରନ୍ତି ନାହିଁ । ଯେତେବେଳେ ସେମାନେ ପ୍ରତିବାସୀଙ୍କୁ ଆବଶ୍ୟକତା ପ୍ରତି ଅନ୍ଧ ଥାଆନ୍ତି, ସେତେବେଳେ ସେମାନଙ୍କର ବାର୍ତ୍ତା ପ୍ରକୃତରେ ନଷ୍ଟ ହୋଇଯାଏ । (ବିରାମ) **ଆଜି,** ଆମେ ଏକ ଅତ୍ୟନ୍ତ ଗରିବ ଘର ପରିଦର୍ଶନ କରିବା । ସେହି ଗୃହର ଏକମାତ୍ର ନିବାସୀ, ଜଣେ ଗରିବ ଓ ରୁଗଣ ବ୍ୟକ୍ତି, ଅସୁସ୍ଥ ଏବଂ ଶଯ୍ୟାରେ ଅଛିନ୍ତି । ଜଣେ ପରିଦର୍ଶକ, ଜଣେ ଖ୍ରୀଷ୍ଟ ବିଶ୍ୱାସର ପ୍ରଚାରକ ପ୍ରତ୍ୟେକ ଗୃହରେ ସୁସମାଚାର ଅଭିଯାନରେ ଆସି ପହଞ୍ଚିଛନ୍ତି ।



**ସୁସମାଚାର ପ୍ରଚାରକ (ପ୍ରଚାରକ)**: ନମସ୍କାର, ନମସ୍କାର! ଘରେ କିଏ ଅଛନ୍ତି? ଭିତରକୁ ଆସି ପାରେ କି? (ପ୍ରବେଶ କରୁଛନ୍ତି)

**ଗରିବ ଓ ରୁଗଣ ବ୍ୟକ୍ତି :** (ଦୂର୍ବଳ ସ୍ୱରରେ) ଏଠି ଅଛି ...

**ପ୍ରଚାରକ:** ନମସ୍କାର, ମୋ ନାଁ _____________ ମୁଁ_____________ ମଣ୍ଡଳୀରୁ ଆସିଛି । ମୁଁ ଆଜି ସମସ୍ତଙ୍କୁ ଆମ ମଣ୍ଡଳୀକୁ ନିମନ୍ତ୍ରଣ କରିବାକୁ ଆସିଛି । ପ୍ରଭୁ ଆମକୁ ଏକ ଶକ୍ତିଶାଳୀ ରିଭାଇବଲ ସହିତ ଆଶୀର୍ବାଦ କରୁଛନ୍ତି । ଆପଣ ଏ ସୁଯୋଗରୁ ବଞ୍ଚିତ ହେହାକି ଚାହିଁବେ ନାହାଁ ।

**ଗରିବ ଓ ରୁଗଣ ବ୍ୟକ୍ତି:** (କରୁଣ ସ୍ୱରରେ, ଧୀରେ ଧୀରେ) ଆସିପାରିବ ନାହିଁ ... ବିଛଣାରୁ ଉଠି ପାରିବି ନାହିଁ ... ଦେହ ଅସୁସ୍ଥ ଯୋଗୁଁ ହଲି ପାରୁନି... ମୋ ଚାକିରି ବି ହରେଇଲି... ଔଷଧ ପାଇଁ .... କି ଖାଇବାକୁ କି ଘରଭଡା ଦେବାକୁ ଟଙ୍କା ନାହିଁ ।...

**ପ୍ରଚାରକ:** ଏ ତ ବହୁତ ବଡ ସମସ୍ୟା, କିନ୍ତୁ ମୁଁ ଜଣେ ବ୍ୟକ୍ତିଙ୍କୁ ଜାଣେ ଯାହାଙ୍କ ଠାରେ ଜୀବନର ସମସ୍ତ ସମସ୍ୟାର ଉତ୍ତର ଅଛି। ଆପଣ ଯୀଶୁ ଖ୍ରୀଷ୍ଟଙ୍କୁ ଆପଣଙ୍କର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଛନ୍ତି କି?

**ଗରିବ ଓ ରୁଗଣ ବ୍ୟକ୍ତି:** (ଦୂର୍ବଳ ସ୍ୱରରେ) ମୁଁ ଯେତେବେଳେ ଅସୁସ୍ଥ ହୋଇ ଚାକିରି ହରାଇଲି ମୋର ପରିବାର ଏବଂ ସାଙ୍ଗମାନେ ମୋତେ ଛାଡି ଚାଲିଗଲେ । ... ତୁମର ମଣ୍ଡଳୀର କେହି ମୋତେ ସାହାଯ୍ୟ କରିପାରିବେ କି? ଦୟାକର, ଦୟାକରି? . .

**ପ୍ରଚାରକ:** ଆପଣଙ୍କୁ ସବୁଠୁ ଉତ୍ତମ ସାହାଯ୍ୟ ମିଳିପାରିବ ଏହି ଛୋଟ ଟ୍ରାକ୍ଟରରୁ । ଏହା ଆପଣଙ୍କ ଜୀବନ ପାଇଁ ପରମେଶ୍ୱରଙ୍କ ଯୋଜନାକୁ କଅଣ ଜଣାଇବ । ଆପଣ ଜାଣନ୍ତି, ସେ ଚାହାଁନ୍ତି ନାହିଁ ଯେ ଆପଣ ଏଠାରେ ଏପରି ବିଛଣାରେ ଥାଆନ୍ତୁ ! ଏଇଟା ନିଅନ୍ତୁ, ପଢନ୍ତୁ, ପାପୀଙ୍କ ପାଇଁ ଯେଉଁ ପ୍ରାର୍ଥନା ଅଛି ତାହା କର ଏବଂ ବିଶ୍ୱାସ କର!

**ଗରିବ ଓ ରୁଗଣ ବ୍ୟକ୍ତି:** (ଦୂର୍ବଳ ସ୍ୱରରେ) ପାରିବିନି... ବହୁତ ଦୂର୍ବଳ ଲାଗୁଛି... (କଥା ହେବା ବନ୍ଦ କରି, ନିସ୍ଥିର ହୋଇ ଗଲେ)

**ପ୍ରଚାରକ:** (ନାଡି ଦେଖିଲେ) ଓଃ ଜୀବନ ଅଛି! ପରମେଶ୍ୱରଙ୍କ ପ୍ରଶଂସା ହେଉ, ସାକ୍ଷୀ ହେବା ପାଇଁ ମୁଁ ଠିକ୍ ସମୟରେ ଏଠାରେ ପହଞ୍ଚିଲି ! ମୁଁ ପତ୍ରିକା ଛାଡି କି ଯାଏ । ମୋର ଏଠୁ ଯିବା ଭଲ, ତେଣେଯାଇ ମୁଁ ଅନ୍ୟ ହଜିଯାଇଥିବା ଆତ୍ମାଙ୍କୁ ସେବା କରିପାରିବି । **(ରୁଗଣ ବ୍ୟକ୍ତିଙ୍କ କାନରେ ପାଟୀକରି କହିଲେ)** ଆମେ ଆପଣଙ୍କ ପାଇଁ ପ୍ରାର୍ଥନା କରିବୁ । ମନେ ରଖନ୍ତୁ, ଯୀଶୁ ହିଁ ଉତ୍ତର (ବାହାରି ଗଲେ)

**ଗରିବ ଓ ରୁଗଣ ବ୍ୟକ୍ତି:** (ସେ ଚାଲିଯିବାର ଦେଖି, ବିକଳ ସ୍ୱରରେ) ଓଃଓଃଓଃ........
(ଆଉ କିଛି କରନ୍ତୁ ନାହିଁ – କିମ୍ବା ଯାହା କରିବା ଉଚିତ୍ ତାହା କରନ୍ତୁ)

# ପାଠ୍ୟକ୍ରମ 4: . 'ଯୀଶୁଙ୍କ ଅଭିବୃଦ୍ଧିର ବିଭିନ୍ନ କ୍ଷେତ୍ର''ଚାର୍ଟ

| ପ୍ରସଙ୍ଗ | ଯୀଶୁଙ୍କ ଅଭିବୃଦ୍ଧିର ବିଭିନ୍ନ କ୍ଷେତ୍ର | | | |
|---|---|---|---|---|
| ଅଭିବୃଦ୍ଧି | ବୁଦ୍ଧି | ଶାରୀରିକ | ଆଧାତ୍ମିକ | ସାମାଜିକ |
|  ନିଜର | | | | |
|  ପରିବାରର | | | | |
|  ମଣ୍ଡଳୀର | | | | |
|  ସାମୂଦାୟର | | | | |

# ପାଠ୍ୟକ୍ରମ 5: ଚାର୍ଟକୁ ସାହାଯ୍ୟ କରିବାର ଉପାୟ

| ପରିସ୍ଥିତି | ମଣ୍ଡଳୀ ଦ୍ୱାରା 'ସାହାଯ୍ୟ କରିବାର ଉପାୟ' |
|---|---|
|  ଭୋକିଲା | |
|  ଶୋଷିଲା | |
|  ଉଲଗ୍ନ | |
|  ଆଶ୍ରୟର ଅଭାବ | |
|  ଅସୁସ୍ଥ | |
|  କାରାଗାରରେ | |

# ଆମର

# ଦୁର୍ବଳତା

# ସୃଷ୍ଟି

# ପରମେଶ୍ୱର

# X

# II

5 ରୋଟି



2 ମାଛ



**ମହିଳାମାନଙ୍କ ଓ ଶିଶୁମାନଙ୍କ ପାଇଁ ଖାଦ୍ୟ**



**ପୁରୁଷମାନଙ୍କ ପାଇଁ ଖାଦ୍ୟ**



ପରମେଶ୍ୱର



12 ଟୋକେଇ



+ +

+ +

= X

ବାଳକ



**1 ପିଠା**



**1 ପିଠା**



**ବିଧବା ସ୍ତ୍ରୀ**



**ବିଧବା ସ୍ତ୍ରୀ, ବାଳକ ଓ ଏଲିୟ**



= X =

ପରମେଶ୍ୱର



**3285 ପିଠା**



3 ବର୍ଷ

365 ଦିନ

\+ X X X

ପରମେଶ୍ୱର



2 ମୁଦ୍ରା



ବିଧବା ସ୍ତ୍ରୀ



2000 ବର୍ଷରୁ ଊର୍ଦ୍ଧର ପ୍ରେରଣା

X

+

=

ଦାସ



1 ତୋଡ଼ା




0 (କିଛି ନ କରିବା)

0 ବୃଦ୍ଧି

ଦାସକୁ ଅନ୍ଧକାରରେ ପକାଇ ଦିଆଗଲା



+ X + =